# ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟ, ସଦର (ଗ୍ରାମାଞ୍ଚଳ),ବାଲେଶ୍ୱର

ବିଜ୍ଞାପନ ପତ୍ରସଂଖ୍ୟା ....751........./ତା 10/09/26.........

## ଅଙ୍ଗନବାଡି କର୍ମୀ ନିଯୁକ୍ତି ନିମନ୍ତେ ବିଜ୍ଞାପନ

ଏତଦ୍ୱାରା ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ, ସଦର (ଗ୍ରାମାଞ୍ଚଳ) ଅନ୍ତର୍ଗତ ନିମ୍ନଲିଖିତ ଅଙ୍ଗନୱାଡି କେନ୍ଦ୍ରର ସେବା ଅଞ୍ଚଳର ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ସମନ୍ୱିତ ଶିଶୁବିକାଶ ପ୍ରକଳ୍ପ, ସଦର (ଗ୍ରାମାଞ୍ଚଳ) ଅନ୍ତର୍ଗତ ନିମ୍ନଲିଖିତ ଅ.କେନ୍ଦ୍ର ପାଇଁ ଅଙ୍ଗନବାଡି କର୍ମୀ ନିୟୋଜିତ କରିବା ନିମନ୍ତେ କେବଳ ମହିଳା ପ୍ରାର୍ଥୀନୀ ମାନଙ୍କ ଠାରୁ ଆସନ୍ତା ତା **୧୧/୦୯/୨୬** ରିଖ ଠାରୁ ତା **୨୫/୦୯/୨୬** ରିଖ ମଧ୍ୟରେ ଅନଲାଇନ ମାଧ୍ୟମରେ ଦରଖାସ୍ତ ଆହ୍ୱାନ କରାଯାଉଅଛି । ଇଚ୍ଛୁକ ପ୍ରାର୍ଥିନୀ ମାନେ Website (**http//engagement.awc.odisha.gov.in**) ରେ Public Signup ରେ Registration କରି ସରିଲା ପରେ Public login କୁ ଯାଇ ଆବଶ୍ୟକୀୟ ପ୍ରମାଣପତ୍ର upload କରିବେ । ଦରଖାସ୍ତରେ କୌଣସି ତ୍ରୁଟି ପରିଲକ୍ଷିତ ହେଲେ କିମ୍ବା କୌଣସି ଦିଗରୁ ଅସମ୍ପୂର୍ଣ୍ଣ ତଥ୍ୟ/ଆବଶ୍ୟକୀୟ ପ୍ରମାଣପତ୍ର ଅଭାବଜନିତ କାରଣରୁ ଦରଖାସ୍ତ ପତ୍ରକୁ ନିମ୍ନ ସ୍ୱାକ୍ଷରକାରୀ ନାକଚ କରିପାରିବେ । ଏହା ବ୍ୟତୀତ କୌଣସି ପ୍ରମାଣପତ୍ର ଅଭାବରେ undertaking ଗ୍ରହଣ କରାଯିବ ନାହିଁ । ପ୍ରାର୍ଥୀନୀ ଙ୍କର ସମସ୍ତ ମୂଳ ପ୍ରମାଣପତ୍ର (ଅରିଜିନାଲ ସାର୍ଟିଫିକେଟ) ପ୍ରାର୍ଥୀନୀଙ୍କର ଉପସ୍ଥିତିରେ **ତା ୨୮/୦୯/୨୬ ରିଖ (ସୋମବାର) ଦିବା ୧୧ ଘଟିକା**.ରେ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ଯାଞ୍ଚ କରାଯିବ । ଯାଞ୍ଚ ସମୟରେ ଅନୁପସ୍ଥିତ ଥିବା ପ୍ରାର୍ଥୀନୀଙ୍କର ଆବେଦନପତ୍ର ନାକଚ କରାଯିବ ।

## ଅଅଞ୍ଚଳର ବିବରଣୀ ( ସର୍ଭେ ଏରିଆ) କେନ୍ଦ୍ର ପରିସର ଭୁକ୍ତ .

| କ୍ର.ନ . | ଗ୍ରା.ପ.ର ନାମ | ଅ.କେନ୍ଦ୍ର ର ନାମ | ଅ. କେନ୍ଦ୍ର ପରିସର ଭୁକ୍ତ ଗ୍ରାମ/ ସାହି/ ପଡାନାମ |
|---|---|---|---|
| ୧ | ବୁଆଁଳ | ପାରିକୂଳ | ୱାର୍ଡ ନଂ୨ ଘର ନଂ୧ ଶ୍ରୀ ରାମଚନ୍ଦ୍ର ଜେନା ଙ୍କ ଘର ଠାରୁ ଘର ନଂ ୧୭୧ ଶ୍ରୀ ଧ୍ରୁବଚରଣ ଦାସ ଙ୍କ ଘର ପର୍ଯ୍ୟନ୍ତ । |

## ଆବେଦନ ଫର୍ମରେ ନିୟମାବଳୀ :-

୧) ପ୍ରାର୍ଥୀନୀ କେବେଳ ନିର୍ଦ୍ଦିଷ୍ଟ ଅ.କେନ୍ଦ୍ର ପରିସରଭୁକ୍ତ (ସର୍ଭିସ ଏରିଆ) ଅଞ୍ଚଳର ସ୍ଥାୟୀବାସିନ୍ଦା ହୋଇଥିବେ । ସମ୍ପୃକ୍ତ କେନ୍ଦ୍ର ଦାୟୀତ୍ୱ ରେ ଥିବା ଅ.କର୍ମୀଙ୍କ ଠାରୁ ସର୍ଭେ ଖାତାରେ ଥିବା ଘର ନଂ ଓ କ୍ରମିକ ନଂ ର ଏକ ଲିଖିତ ପ୍ରମାଣ ପତ୍ର ଆବେଦନ ପତ୍ର ସହ ସଂଲଗ୍ନ (Upload) କରିବେ ଏବଂ ଯାଞ୍ଚ ଦିବସରେ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ଦାଖଲ କରିବେ । (ଏହା ଯଦି ମିଥ୍ୟା ବୋଲି ପ୍ରମାଣିତ ହୁଏ ତେବେ ଉକ୍ତ ଆବେଦନ କାରିଣୀଙ୍କ ବିରୁଦ୍ଧରେ ଫୌଜଦାରୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ) ପ୍ରାର୍ଥୀନୀ ସ୍ଥାୟୀବାସିନ୍ଦା ପ୍ରମାଣପତ୍ର ସଂପୃକ୍ତ ତହସିଲଦାରଙ୍କ ଠାରୁ ପ୍ରାପ୍ତ ହୋଇଥିବ ଏବଂ Deputy Secretary to Govt. (Govt. of Odisha, Revenue and Disaster Management Department) ଙ୍କ Resolution No:-RDM-GOEB-MISC-0039-2015-35875/ R&DM, Dt-24.09.2018 ଅନୁଯାୟୀ ସ୍ଥାୟୀବାସିନ୍ଦା ପ୍ରମାଣପତ୍ରର ଅବଧି ୫ ବର୍ଷ କରାଯାଇଅଛି ।

୨) ଦରଖାସ୍ତକାରିଣୀଙ୍କ ର ବୟସ ୧୮ ରୁ ୩୫ ବର୍ଷ ହୋଇଥିବା ଆବଶ୍ୟକ (୦୧-୦୧-୨୦୨୬) ସୁଦ୍ଧା ୧୮ ବର୍ଷ ସମ୍ପୂର୍ଣ୍ଣ ଏବଂ ୩୫ ବର୍ଷରୁ ଅଧିକ ହୋଇ ନ ଥିବ । ଜନ୍ମ ତାରିଖ ର ପ୍ରମାଣ ପାଇଁ ପ୍ରାର୍ଥୀନୀ ଦଶମ ଶ୍ରେଣୀ ପାସ ସାର୍ଟିଫିକେଟ ସଂଲଗ୍ନ (Upload) କରିବେ ।

୩) ପ୍ରାର୍ଥୀନୀଙ୍କ ସର୍ବନିମ୍ନ ଶିକ୍ଷାଗତ ଯୋଗ୍ୟତା +୨ (ଦ୍ୱାଦଶ) ପାସ ହୋଇଥିବା ଆବଶ୍ୟକ ଯଦି ଓଡ଼ିଆରେ ମାଟ୍ରିକ ପାସ କରି ନ ଥିବେ ତେବେ ଓଡ଼ିଆ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ୭ମ ଶ୍ରେଣୀ (ଓଡ଼ିଆ ଭାଷା ) ପାସ ପ୍ରମାଣ ପତ୍ର upload କରିବେ । ପ୍ରାର୍ଥୀନୀଙ୍କ ଦ୍ୱାଦଶ (+୨) ମାର୍କ ଅନୁଯାୟୀ ଅଙ୍ଗନବାଡି କର୍ମୀ ଚୟନ କରାଯିବ । ପ୍ରଥମ ସୁଯୋଗରେ ଫେଲ ହୋଇଥିବା ବିଷୟରେ ପାଇଥିବା ମାର୍କକୁ କାଟିବା ଏବଂ ଉକ୍ତ ବିଷୟରେ ପରବର୍ତ୍ତୀ ପରୀକ୍ଷା ଦେଇ ପାସ ହେବା ପରେ ପ୍ରାପ୍ତ ମାର୍କକୁ ସେହି ସ୍ଥାନରେ ଯୋଡ଼ାଯିବ ଏବଂ ସେହି ଅନୁଯାୟୀ ଶତକଡା ଗଣନା କରାଯିବ ।

୪) ପ୍ରାର୍ଥୀନୀ ଯଦି ନିଃସହାୟ, ଅସହାୟ ମହିଳା, ଶାରୀରିକ ବିକଳାଙ୍ଗ, ଅନାଥ ହୋଇଥାନ୍ତି ତତସଂକ୍ରାନ୍ତୀୟ ପ୍ରମାଣପତ୍ର ସଂପୃକ୍ତ ଅଧିକାରୀଙ୍କ ଠାରୁ ଗ୍ରହଣକରି ଦରଖାସ୍ତରେ upload କରିବେ । ଏଥିପାଇଁ ଅତିରିକ୍ତ ମାର୍କ ର ବ୍ୟବସ୍ଥା ରହିଛି ।

୫) ପ୍ରାର୍ଥୀନୀ ଆଦିବାସୀ, ହରିଜନ ଶ୍ରେଣୀର ହୋଇଥିଲେ ସଂପୃକ୍ତ ଅଧିକାରୀଙ୍କ ଠାରୁ ପ୍ରମାଣପତ୍ର ଗ୍ରହଣ କରି ଦରଖାସ୍ତରେ upload କରିବେ । ଏଥିପାଇଁ ଅତିରିକ୍ତ ମାର୍କ ର ବ୍ୟବସ୍ଥା ରହିଛି ।

୬) ଅ.କର୍ମୀ ପଦଟି ସରକାରୀ କର୍ମଚାରୀ ପଦବାଚ୍ୟ ନ ହୋଇ ଏକ ସ୍ୱେଛାସେବିକା ହେତୁ ଅବୈତନିକ ପଦବୀପାଇଁ ନିର୍ଦ୍ଦିଷ୍ଟ ଦରମା ବ୍ୟବସ୍ଥା ନାହିଁ କିମ୍ବା ଏହା ନିୟମିତ ସରକାରୀ ଚାକିରୀ ନୁହେଁ । ତେଣୁ ଓଡିଶା ସରକାର ଙ୍କ ଓ.ଆର.ଭି.ଆକ୍ଟ - ୧୯୭୫ କିମ୍ବା କର୍ମୀ ସଂସ୍ଥାନ ନିଯୋଜନ ଆଇନ ୧୯୫୯, ଏହି କ୍ଷେତ୍ରରେ ଲାଗୁହେବ ନାହିଁ କିମ୍ବା ଭବିଷ୍ୟତରେ ସରକାରୀ ପଦବାଚ୍ୟ ହେବେ ବୋଲି ଦାବି କରି ପାରିବେ ନାହିଁ ।

୭) ସମନ୍ୱିତ ଶିଶୁ ବିକାଶ ଯୋଜନା ପରିସର ଅଞ୍ଚଳର ନିର୍ଦ୍ଦିଷ୍ଟ ରାଜସ୍ୱ ଗ୍ରାମରେ ବାଲୱାଡ଼ି କର୍ମୀଭାବେ ୫ ବର୍ଷ କାର୍ଯ୍ୟକରିଥିଲେ, ନିର୍ଦ୍ଦିଷ୍ଟ ରାଜସ୍ୱ ଗ୍ରାମରେ ଅ. କର୍ମୀ ହୋଇପାରିବେ । ବାଲୱାଡ଼ି ଓ ଇ.ସି.ସି.ଇ କର୍ମୀଭାବେ କାର୍ଯ୍ୟକରିଥିବା ପ୍ରାର୍ଥୀନୀ ଙ୍କ ପାଇଁ ଅତିରିକ୍ତ ମାର୍କ ର ବ୍ୟବସ୍ଥା ରହିଛି ।

୮) ଯଦି ଅ. କେନ୍ଦ୍ର ଅଧୀନରେ ସହାୟିକା ଭାବରେ କିମ୍ବା ଉପକେନ୍ଦ୍ରର ସଙ୍ଗଠିକା ଭାବରେ ୫ ବର୍ଷରୁ ଉର୍ଦ୍ଧ କାର୍ଯ୍ୟକରିଥାନ୍ତି ଏବଂ ଆବଶ୍ୟକ ଯୋଗ୍ୟତା ଥାଏ ଏବଂ ଉପଯୁକ୍ତ ବିବେଚିତ ହୁଅନ୍ତି, ସେମାନଙ୍କୁ ଅ. କର୍ମୀ ଭାବରେ ନିଯୋଜିତ କରାଯାଇପାରେ । ଅଙ୍ଗନବାଡି କର୍ମୀ ଚୟନ ପାଇଁ ଅଙ୍ଗନବାଡି ସହାୟିକା କ୍ଷେତ୍ର ରେ ବୟସ ସର୍ବାଧିକ ୧୦ ବର୍ଷ କୋହଳ କରାଯିବ ।

୯) ନିର୍ଦ୍ଦିଷ୍ଟ ଅ. କେନ୍ଦ୍ର ସେବା ପରିସର ମଧ୍ୟରୁ ଯଦି ପ୍ରାର୍ଥୀନୀ ନ ମିଳନ୍ତି ତେବେ ସେହି ଗ୍ରାମ ପରିସର ମଧ୍ୟରୁ ନହେଲେ ପାଖ ଗ୍ରାମରୁ ଓ ସେଠାରୁ ନ ମିଳନ୍ତି ତେବେ ଗ୍ରାମ ପଞ୍ଚାୟତ ମଧ୍ୟରୁ ଗ୍ରହଣ କରାଯାଇପାରେ ।

୧୦) ସରକାରଙ୍କ ନିୟମ ଅନୁସାରେ ଜଣେ ଅ.କର୍ମୀ ଙ୍କୁ ମାସିକ ଭତ୍ତା **ଟ.୧୦,୦୦୦/-(ଦଶ ହଜାର ଟଙ୍କା)**ପ୍ରଦାନ କରାଯିବ ।

୧୧) କୌଣସି ପ୍ରମାଣପତ୍ର ର ଅଭାବରେ କୌଣସି **undertaking** ଗ୍ରହଣ କରାଯିବ ନାହିଁ । ଦରଖାସ୍ତ ଫର୍ମର ଉପରୁ ତଳ ପର୍ଯ୍ୟନ୍ତ ସମସ୍ତ ସ୍ଥାନ ସଠିକ ଭାବରେ ପୂରଣ ଏବଂ ଦସ୍ତଖତ ହେବା ବାଧ୍ୟତାମୂଳକ ।

୧୨) କୌଣସି ପ୍ରାର୍ଥୀନୀ ଡାକ ଦ୍ୱାରା କିମ୍ବା ସିଧାସଳଖ ଭାବେ ଆବେଦନ ପତ୍ର ନିମ୍ନସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ଦାଖଲ କରିପାରିବେ ନାହିଁ ଯଦି କରନ୍ତି ତାଙ୍କର ଦରଖାସ୍ତ ନାକଚ କରିଦିଆଯିବ ।

୧୩) ଆବେଦନ ସମୟରେ ସମସ୍ତ ମୂଳ ପ୍ରମାଣ ପତ୍ର ମୂଳ କାଗଜାତ **(Original )** ରୁ scan କରି **upload** କରିବେ (ଜେରକ୍ସ କପି ରୁ **scan** କରି **upload** କରିବେ ନାହିଁ ।

୧୪) ନିମ୍ନ ସ୍ୱାକ୍ଷରକାରୀ କୌଣସି କାରଣ ନ ଦର୍ଶାଇ ବିନା ନୋଟିସରେ ଅଙ୍ଗନୱାଡି କର୍ମୀ ନିଯୋଜନକୁ ଯେ କୌଣସି ମୁହୂର୍ତ୍ତରେ ସ୍ଥଗିତ କିମ୍ବା ବାତିଲ କରିପାରିବେ । ଏଥିପାଇଁ କର୍ତ୍ତୃପକ୍ଷ ଉତ୍ତରଦାୟୀ ରହିବେ ନାହିଁ ।

10/07/2026

**ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ,**
**ସଦର (ଗ୍ରାମାଞ୍ଚଳ),ବାଲେଶ୍ୱର**
Child Devt. Project Officer
Baleshwar Sadar (Rural)

**<u>ଦରଖାସ୍ତ ଫର୍ମ ସହିତ upload କରିବାକୁ ଥିବା ପ୍ରମାଣପତ୍ର :-</u>**

୧) ସମସ୍ତ ଶିକ୍ଷାଗତ ଯୋଗ୍ୟତାର ପ୍ରମାଣପତ୍ର (ଓଡିଶା ସରକାରଙ୍କ ଶିକ୍ଷା ବିଭାଗ ଦ୍ୱାରା ସ୍ୱୀକୃତି ପ୍ରାପ୍ତ ଉଚ୍ଚ ବିଦ୍ୟାଳୟ ଏବଂ ମହାବିଦ୍ୟାଳୟ ରୁ ପ୍ରାପ୍ତ) ।

୨) ଦଶମ /ମ୍ୟାଟ୍ରିକ ସାର୍ଟିଫିକେଟ ଏବଂ + ୨ ସାର୍ଟିଫିକେଟ ଓ ମାର୍କସିଟ ର ଉଭୟ ପାଖ upload କରିବା ବାଧ୍ୟତାମୂଳକ ।

୩) ଯଦି ଆବଶ୍ୟକ ଥାଏ ଓଡ଼ିଆ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପ୍ରାପ୍ତ ୭ମ ଶ୍ରେଣୀ ପାସ ପ୍ରମାଣ ପତ୍ର ।

୪) ଅଧିକ ଶିକ୍ଷାଗତ ଯୋଗ୍ୟତା ଥିଲେ ତାହାର ପାସ ସାର୍ଟିଫିକେଟ ।

୫) ସ୍ଥାୟୀ ବାସିନ୍ଦା ର ପ୍ରମାଣପତ୍ର ( ସଂପୃକ୍ତ ତହସିଲଦାରଙ୍କ ଠାରୁ ଗ୍ରହଣ କରିଥିବା ଆବଶ୍ୟକ ଏବଂ ଏହା ଆଦେଶ ପାଇବାର ୫ ବର୍ଷ ପର୍ଯ୍ୟନ୍ତ ବଳବତ୍ତର ରହିବ) ।

୬) ଆଦିବାସୀ, ହରିଜନ ପ୍ରାର୍ଥୀନୀ ମାନେ ଜାତିଗତ ପ୍ରମାଣପତ୍ର ସଂପୃକ୍ତ ତହସିଲଦାରଙ୍କ ଠାରୁ ଗ୍ରହଣ କରିବା ଆବଶ୍ୟକ ।

୭) ସ୍ଥାୟୀବାସିନ୍ଦା ଏବଂ ଘର ର ଅବସ୍ଥିତି ନେଇ (ସମ୍ପୃକ୍ତ କେନ୍ଦ୍ର ଦାୟୀତ୍ୱ ରେ ଥିବା ଅ.କର୍ମୀଙ୍କ ଠାରୁ ସର୍ଭେ ଅନୁସାରେ ଏକ ଲିଖିତ ପ୍ରମାଣ ପତ୍ର) ।

୮) ଯଦି ଆବଶ୍ୟକ ଥାଏ ନିୟମାବଳୀ ପରିସରଭୁକ୍ତ ଅନ୍ୟାନ୍ୟ ପ୍ରମାଣପତ୍ର/(ଶାରୀରିକ ବିକଳାଙ୍ଗ/ଅସହାୟ/ନିଃସହାୟମହିଳା /ଅନାଥ ଝିଅ/ବିଧବା ଇତ୍ୟାଦିର ପ୍ରମାଣପତ୍ର ) ।

୯) ଅଙ୍ଗନୱାଡି ସହାୟିକା ଭାବରେ ୫ ବର୍ଷରୁ ଉର୍ଦ୍ଧ୍ୱ କାର୍ଯ୍ୟ କରିବାର ପ୍ରମାଣ ପତ୍ର ସିଡିପିଓ ଙ୍କ ଠାରୁ ପ୍ରାପ୍ତ Experience Certificate ।

୧୦) ECCE/ BALWADI WORKER କ୍ଷେତ୍ରରେ ଅଭିଜ୍ଞତା ପ୍ରମାଣ ପତ୍ର ।

୧୧) ନିଜର ଏକ ସଦ୍ୟ ଉଠାଯାଇଥିବା ପାସପୋର୍ଟ ଫୋଟୋ ।

10/07/2026

**ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ,**
**ସଦର (ଗ୍ରାମାଞ୍ଚଳ),ବାଲେଶ୍ୱର**
Child Devt. Project Officer
Baleshwar Sadar (Rural)

ପରିପତ୍ର ସଂଖ୍ୟା . 752 ତା. 10/07/26 ରିଖ

ଏହାର ଏକକିତା ନକଲ ଜିଲ୍ଲାପାଳ, ବାଲେଶ୍ୱର/ ଉପ-ଜିଲ୍ଲାପାଳ, ବାଲେଶ୍ୱର /ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ, ବାଲେଶ୍ୱରଙ୍କ ଅବଗତି ନିମନ୍ତେ ପ୍ରେରଣା କରାଗଲା ।

୧୦/୭/୨୦୨୬
ଶିଶୁବିକାଶ ପ୍ରକଳ୍ପ ଅଧିକାରିଣୀ,
Child Devt. Project Officer
ସଦର (ଗ୍ରାମାଞ୍ଚଳ), ବାଲେଶ୍ୱର
Baleshwar Sadar (Rural)

ପରିପତ୍ର ସଂଖ୍ୟା . 753 ତା. 10/07/26 ରିଖ

ଏହାର ଏକକିତା ନକଲ, ଗୋଷ୍ଠୀ ଉନ୍ନୟନ ଅଧିକାରୀ,ସଦର ବାଲେଶ୍ୱର / ଗୋଷ୍ଠୀ ଶିକ୍ଷା ଅଧିକାରୀ,ସଦର ବାଲେଶ୍ୱର/ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ, ସଦର, ବାଲେଶ୍ୱର / ଗୋଷ୍ଠୀ ଚିକିତ୍ସା ଅଧିକାରୀ, ରୁପ୍ସା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରଙ୍କ ଅବଗତି ନିମନ୍ତେ ପ୍ରେରଣା କରାଗଲା ଓ ଏହାର ଏକକିତା ନକଲ ବିଜ୍ଞାପନ ଫଳକରେ ବହୁଳ ପ୍ରଚାର ନିମନ୍ତେ ଲଟକାଇବା ପାଇଁ ଅନୁରୋଧ କରାଗଲା ।

୧୦/୭/୨୦୨୬
ଶିଶୁବିକାଶ ପ୍ରକଳ୍ପ ଅଧିକାରିଣୀ,
Child Devt. Project Officer
ସଦର (ଗ୍ରାମାଞ୍ଚଳ), ବାଲେଶ୍ୱର
Baleshwar Sadar (Rural)

ପରିପତ୍ର ସଂଖ୍ୟା . 754 ତା. 10/07/26 ରିଖ

ଏହାର ଏକକିତା ନକଲ ଅଧକ୍ଷ ଜିଲ୍ଲାପରିଷଦ, ବାଲେଶ୍ୱର/ ସଂପୃକ୍ତ ପଞ୍ଚାୟତର ସରପଞ୍ଚଙ୍କ କାର୍ଯ୍ୟାଳୟର ଅବଗତି ଏବଂ ବହୁଳପ୍ରସାର ପାଇଁ ବିଜ୍ଞାପନ ଫଳକରେ ଲଗାଇବା ପାଇଁ ଅନୁରୋଧ କରାଗଲା ।

୧୦/୭/୨୦୨୬
ଶିଶୁବିକାଶ ପ୍ରକଳ୍ପ ଅଧିକାରିଣୀ,
Child Devt. Project Officer
ସଦର (ଗ୍ରାମାଞ୍ଚଳ), ବାଲେଶ୍ୱର
Baleshwar Sadar (Rural)

ପରିପତ୍ର ସଂଖ୍ୟା . 755 ତା. 10/07/26 ରିଖ

ଏହାର ଏକକିତା ନକଲ ସମ୍ପୃକ୍ତ ମଣ୍ଡଳ ପରିଦର୍ଶିକା ଓ ସମ୍ପୃକ୍ତ କେନ୍ଦ୍ର ଦାୟୀତ୍ୱ ରେ ଥିବା ଅ.କର୍ମୀଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା । ଅକର୍ମୀଙ୍କୁ. ନିର୍ଦ୍ଦେଶ ଦିଆଗଲା ଯେ ସମ୍ପୃକ୍ତ ଅକେନ୍ଦ୍ର. ରେ ଓ ଜନଗହଳି ସ୍ଥାନ ରେ ନୋଟିସ ଟାଙ୍ଗୀ ଓ ଲୋକଙ୍କୁ ଅବଗତ କରାଇବା ପାଇଁ ନିର୍ଦ୍ଦେଶ ଦିଆଗଲା ଏବଂ ଏହାର ଏକକିତା ନକଲ ଗ୍ରାମବାସୀ ଙ୍କର ସ୍ୱାକ୍ଷର (Signature) ସହ ୭ ଦିନ ମଧ୍ୟରେ କାର୍ଯ୍ୟାଳୟରେ ଦାଖଲ କରିବେ ।

ଏହାର ଏକକିତା ନକଲ କାର୍ଯ୍ୟାଳୟର ନୋଟିସ ବୋର୍ଡ ଏବଂ ବ୍ଲକର ନୋଟିସ ବୋର୍ଡ଼ରେ ବହୁଳ ପ୍ରସାର ନିମନ୍ତେ ଲଗାଇ ଦିଆଗଲା ।

୧୦/୭/୨୦୨୬
ଶିଶୁବିକାଶ ପ୍ରକଳ୍ପ ଅଧିକାରିଣୀ,
Child Devt. Project Officer
ସଦର (ଗ୍ରାମାଞ୍ଚଳ), ବାଲେଶ୍ୱର
Baleshwar Sadar (Rural)